# ପ୍ରଶାନ୍ତଭୂଷଣଙ୍କ ଉପରେ ଆକ୍ରମଣ ଓ ବାକ୍‌ସ୍ୱାଧୀନତା ପାଇଁ ସାମ୍ବିଧାନିକ ଅଧିକାର

ସମସ୍ତେ ଜାଣିଛନ୍ତି, ଗତ ୧୨ ଅକ୍ଟୋବର ବୁଧବାର ଅପରାହ୍ନରେ ବରିଷ୍ଠ ଓକିଲ୍ ପ୍ରଶାନ୍ତ ଭୂଷଣଙ୍କୁ ସୁପ୍ରିମ୍ କୋର୍ଟ ପରିସରରେ ଅବସ୍ଥିତ ତାଙ୍କ ପ୍ରକୋଷ୍ଠରେ ସେ ଗୋଟିଏ ଟେଲିଭିଜନ୍ ଗ୍ରୁପ୍‌ଙ୍କୁ ସାକ୍ଷାତକାର ଦେଉଥିବା ବେଳେ ଦୁଇଜଣ ଉଦ୍‌ଭ୍ରାନ୍ତ ଯୁବକ ସେଠାରେ ଅଚାନକ ପ୍ରବେଶ କରି ତାଙ୍କୁ ଅଶ୍ଳୀଳ ଗାଳିଗୁଲଜ କରିବା ସହିତ ଦୈହିକ ଆକ୍ରମଣ କଲେ, ଏବଂ ଏହାର ଠିକ୍ ପରଦିନ ପାତିଆଲା ହାଉସ୍ କୋର୍ଟ ସମ୍ମୁଖରେ ଆନ୍ନା ଓ ପ୍ରଶାନ୍ତଙ୍କ ସମର୍ଥକମାନଙ୍କୁ ଅତ୍ୟନ୍ତ କଦର୍ଯ୍ୟ ଭାବେ ପୁଣି ସେହି ଗୋଷ୍ଠୀର କେତେକ ଯୁବକ ଗୁଣ୍ଡାଗିରି ଓ ମାରପିଟ କଲେ । ବଡ ବିସ୍ମୟର କଥା, ପ୍ରଶାନ୍ତଭୂଷଣଙ୍କ ଏଫ୍.ଆଇ.ଆର୍. କୁ ଭିତ୍ତି କରି ପ୍ରଥମ ଦିନର ଆକ୍ରମଣ ପାଇଁ ପୋଲିସ୍ ପ୍ରଥମେ ଶ୍ରୀରାମ ସେନାର ଜଣେ ବ୍ୟକ୍ତି ଏବଂ ପରେ ତଥାକଥିତ ଭଗତସିଂ କ୍ରାନ୍ତି ସେନାର ଦୁଇଜଣ ବ୍ୟକ୍ତିଙ୍କୁ ଗିରଫ କରିଥିଲେ ହେଁ ପରଦିନ ଘଟଣାଟି ପୋଲିସ୍ ଉପସ୍ଥିତିରେ ହିଁ ଘଟିଥିଲା ଏବଂ ଆକ୍ରମଣକାରୀମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନଥିଲା । ଅଧିକନ୍ତୁ ଉଦ୍‌ବେଗର ବିଷୟ, ଆକ୍ରମଣକାରୀ ମାନେ ସେମାନଙ୍କ ୱେବସାଇଟ୍‌ରେ ପ୍ରଶାନ୍ତଭୂଷଣ ଉପରେ ସେମାନଙ୍କର ପାଶବିକ ଆକ୍ରମଣ ସପକ୍ଷରେ ସଫେଇ ଦେଇ କହିଛନ୍ତି ଯେ, ଯେ କେହି ଦେଶକୁ ଫାଳଫାଳ କରିବାକୁ ଚେଷ୍ଟା କରିବ, ସେମାନେ ତା'ର ମୁଣ୍ଡକୁ ଦିଫାଳ କରିବାକୁ ପଛାଇବେ ନାହିଁ ।

ଏକଥା ସତ, କେବଳ ମହାରାଷ୍ଟ୍ରର ଶିବସେନା ଛଡା ଦେଶର ବିଭିନ୍ନ ରାଜନୈତିକ ଦଳ, ଟିମ୍ ଆନ୍ନା, ସିଭିଲ ରାଇଟସ୍ ସଂଗଠନ ତଥା ବିଶିଷ୍ଟ ବ୍ୟକ୍ତିବିଶେଷ ପ୍ରଶାନ୍ତଙ୍କ ଉପରେ ଏପ୍ରକାର ହିଂସାତ୍ମକ ଆକ୍ରମଣକୁ ନିନ୍ଦା କରିଛନ୍ତି । କିନ୍ତୁ ନିନ୍ଦା ପ୍ରକାଶ କରିଥିବା ଦଳ, ଗୋଷ୍ଠୀ ଓ ବ୍ୟକ୍ତିମାନଙ୍କୁ ଦୁଇଭାଗରେ ବିଭକ୍ତ କରାଯାଇପାରେ । ଗୋଟିଏ ଦଳ, ଯେଉଁମାନଙ୍କ ସଂଖ୍ୟା ନଗଣ୍ୟ, ସେମାନେ ଏପ୍ରକାର ଆକ୍ରମଣକୁ ନିସର୍ତ୍ତ ଭର୍ତ୍ସନା କରି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ କୌଣସି ମତେ ଏହା ବରଦାସ୍ତଯୋଗ୍ୟ ନୁହେଁ ବୋଲି କହିଛନ୍ତି । ସେମାନଙ୍କ ଭିତରେ ଅଛନ୍ତି, ଦୃଷ୍ଟାନ୍ତ ସ୍ୱରୂପ, ନାସନାଲ୍ ଆଲାଏନ୍ସ ଅଫ୍ ପିପୁଲସ୍ ମୁଭ୍‌ମେଣ୍ଟ ସହ ଜଡିତ ବିଶିଷ୍ଟ ନାଗରିକ ଅଧିକାର ଓ ଗଣ ଆନ୍ଦୋଳନର ପ୍ରବକ୍ତାଗଣ, ଯଥା କୁଲ୍‌ଦୀପ ନାୟର, ଅବସରପ୍ରାପ୍ତ ଜଷ୍ଟିସ୍ ରାଜେନ୍ଦ୍ର ସାଚାର, ମେଧା ପାଟକର୍, ଅରୁଣା ରାୟ, ପ୍ରଫୁଲ୍ଲ ସାମନ୍ତରାୟ ପ୍ରମୁଖ । କିନ୍ତୁ ଅନ୍ୟ ଦଳଟିର ଆକାର ଅତି ବିଶାଳ, ଯେଉଁମାନେ କି ଆକ୍ରମଣକୁ ନିସର୍ତ୍ତ ନିନ୍ଦା କରିବା ପରିବର୍ତ୍ତେ, ନିନ୍ଦାପ୍ରକାଶ ସହିତ ଏଭଳି ସବୁ 'ଯଦି' ଓ 'କିନ୍ତୁ' ଯୋଡିଛନ୍ତି, ଯାହାର ପ୍ରକୃତ ଅର୍ଥ ହେଉଛି, ପ୍ରଶାନ୍ତଭୂଷଣ କାଶ୍ମୀର ଉପରେ ନିଜର ମନ୍ତବ୍ୟ ପ୍ରକାଶ କରିବାରୁ କ୍ଷାନ୍ତ ରୁହନ୍ତୁ, ନଚେତ୍ ପୁଣି ଏଭଳି ଆକ୍ରମଣର ଶୀକାର ହୋଇପାରନ୍ତି । ସେମାନେ ନିଜର ବକ୍ତବ୍ୟକୁ ଏଭଳି ଗୋଳିଆମିଶା କରି ଉପସ୍ଥାପନ କରିଛନ୍ତି, ଯାହାକି ପରୋକ୍ଷରେ ଆକ୍ରମଣକାରୀ ଗୋଷ୍ଠୀଙ୍କୁ ପ୍ରକାଶ୍ୟରେ ପୁଣି ଏପ୍ରକାର ଗୁଣ୍ଡାଗିରି କରିବା ପାଇଁ ଉସ୍‌କାନି ଦେବ । ଏ କ୍ଷେତ୍ରରେ ଉଭୟ ଆର୍.ଏସ୍.ଏସ୍. ଓ କଂଗ୍ରେସର ବକ୍ତବ୍ୟ ଏକାଭଳି । ଆର୍.ଏସ୍.ଏସ୍.ର ପ୍ରବକ୍ତା ଆକ୍ରମଣକୁ ନିନ୍ଦା କରିବା ସହିତ କହିଛନ୍ତି ଯେ, ପ୍ରଶାନ୍ତଭୂଷଣ କାଶ୍ମୀର ପ୍ରସଙ୍ଗ ଉପରେ ବିଭାଜନକାରୀଙ୍କ ଭଳି ବକ୍ତବ୍ୟ ଦେବାରୁ କ୍ଷାନ୍ତ ରୁହନ୍ତୁ । କଂଗ୍ରେସ ନେତ୍ରୀ ତଥା ସୂଚନା ଓ ପ୍ରସାରଣ ମନ୍ତ୍ରୀ ଶ୍ରୀମତୀ ଅମ୍ବିକା ସୋନି କହିଛନ୍ତି, ତାଙ୍କର ଦଳ ଓ ସରକାର ଆକ୍ରମଣ ଘଟଣାକୁ ନିନ୍ଦା କରୁଛନ୍ତି, କିନ୍ତୁ କାଶ୍ମୀର ଉପରେ ପ୍ରଶାନ୍ତ ଦେଇଥିବା ମନ୍ତବ୍ୟ କୌଣସି ମତେ ସମର୍ଥନ ଯୋଗ୍ୟ ନୁହେଁ । ଏପରିକି ନିକଟରେ ପ୍ରେସ୍ କାଉନସିଲ୍ ଅଧ୍ୟକ୍ଷ ପଦବୀରେ ଅବସ୍ଥାପିତ ହୋଇଥିବା ଜଷ୍ଟିସ୍ ମାର୍କଣ୍ଡେୟ କାଟ୍‌ଜୁ ଇଣ୍ଡିଆନ୍ ଏକ୍ସପ୍ରେସ୍‌ର ମୁଖ୍ୟ ସଂପାଦକ ଶେଖର ଗୁପ୍ତାଙ୍କ ସହ ୧୬ ତାରିଖରେ ଏକ ସାକ୍ଷାତକାର ଭିତରେ କହିଛନ୍ତି ଯେ ଆଡଭୋକେଟ୍ ପ୍ରଶାନ୍ତ ଭୂଷଣଙ୍କ ଉପରେ ଆକ୍ରମଣ ଯଦିଓ ନିନ୍ଦନୀୟ, ସେ କାଶ୍ମୀର ଉପରେ ଦେଇଥିବା ମନ୍ତବ୍ୟ ଆଦୌ ଗ୍ରହଣୀୟ ନୁହେଁ ।

ଏହି ଦ୍ୱିତୀୟ ଶ୍ରେଣୀର ଟିପ୍‌ପଣୀକାରମାନଙ୍କ ମତିଗତି ସମ୍ବନ୍ଧରେ କେତେକ ପ୍ରଶ୍ନ ଜାଗ୍ରତ ହେବା ସ୍ୱାଭାବିକ । ଏବେ କ'ଣ କାଶ୍ମୀରରେ ଗଣଭୋଟ୍ ହେବ କି ନାହିଁ ତାହା ଉପରେ ଦେଶସାରା ବିତର୍କ କରାଯାଉଥିଲା ? ଠିକ୍ ଏହି ମୁହୂର୍ତ୍ତରେ କାଶ୍ମୀର ପ୍ରସଙ୍ଗ ଉପରେ ପ୍ରଶାନ୍ତଙ୍କ ମନ୍ତବ୍ୟ ଉପରେ ନିଜନିଜର ମନ୍ତବ୍ୟ ଦେବା ସେମାନଙ୍କ ପକ୍ଷେ ଜରୁରୀ ଜରୁରୀ ଥିଲା ? ପୁଣି ପ୍ରଶାନ୍ତ କ'ଣ ଦେଶର ପ୍ରଧାନମନ୍ତ୍ରୀ ନା ରାଷ୍ଟ୍ରପତି ଆସନରେ ରହି ଏକ ଆପତ୍ତିଜନକ ମନ୍ତବ୍ୟ ଦେଇଛନ୍ତି, ଯାହାକୁ ସର୍ବସାଧାରଣ ସ୍ୱାର୍ଥରେ ସମସ୍ୱରରେ ଖଣ୍ଡନ କରାଯିବା ଜରୁରୀ ? ଏହି କିଛିଦିନ ଭିତରେ ପ୍ରଶାନ୍ତଙ୍କ ବିବୃତ୍ତିକୁ କେନ୍ଦ୍ର କରି ବିଭିନ୍ନ ଦଳ, ସଂଗଠନ ଓ ବ୍ୟକ୍ତିବିଶେଷ କାଶ୍ମୀର ପ୍ରସଙ୍ଗ ଉପରେ ନିଜର ଏକତରଫା ମତାମତ ଯେପରି ବଖାଣି ଚାଲିଲେ, ସେଥିରୁ ମନେ ହେଲା, ସତେ ଯେପରି ଭାରତୀୟ ଭୂଖଣ୍ଡରେ ବର୍ତ୍ତମାନ କାଶ୍ମୀର ପ୍ରସଙ୍ଗ ଉପରେ ଗଣଭୋଟ୍ ଚାଲିଛି । ବିଡମ୍ବନାର ବିଷୟ, ଏହି ପଥଭ୍ରାନ୍ତ ବିତର୍କ ଭିତରେ ବର୍ତ୍ତମାନ ମୁହୂର୍ତ୍ତର ପ୍ରକୃତ ପ୍ରସଙ୍ଗଟି କୁଆଡେ ହଜିଗଲା ! ସେହି ପ୍ରସଙ୍ଗଟି ହେଲା, ଜଣେ ସାଧାରଣ ବ୍ୟକ୍ତିର ମତପ୍ରକାଶ ପାଇଁ ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାର ଏ ଦେଶରେ କେତେ ସୁରକ୍ଷିତ ? ଯଦି ପ୍ରଶାନ୍ତଙ୍କ ଭଳି ସୁପ୍ରିମ୍‌କୋର୍ଟର ଜଣେ ବିଶିଷ୍ଟ ଓକିଲଙ୍କୁ ଖୋଦ୍ ସୁପ୍ରିମ୍‌କୋର୍ଟ ପରିସରରେ ଦୁଇତିନି ଜଣେ ଉଦ୍‌ଭ୍ରାନ୍ତ ଯୁବକ ଗୋଟିଏ ଟିଭିଚାନେଲ୍‌ର କର୍ମୀମାନଙ୍କ ସମ୍ମୁଖରେ ଅତି କୁତ୍ସିତ ଗାଳିଗୁଲଜ ସହିତ ଦୈହିକ ଆକ୍ରମଣ ପାଇଁ ଅପସାହାସ କରିପାରିଲେ, ତେବେ ଏ ଦେଶରେ ଗାଁଗହଳ ବା ସହର-ବସ୍ତିର ଜଣେ ସାଧାରଣ ନାଗରିକର ସମ୍ବିଧାନ-ସ୍ୱୀକୃତ ମତପ୍ରକାଶର ମୌଳିକ ଅଧିକାର କେତେଦୂର

ସୁରକ୍ଷିତ ? ବସ୍ତୁତଃ ସମ୍ବିଧାନର ଧାରା ୧୯(୧) ଅଧୀନରେ ପ୍ରତି ନାଗରିକଙ୍କୁ ମତପ୍ରକାଶ ପାଇଁ ସ୍ୱାଧୀନତାର ମୌଳିକ ଅଧିକାର ପ୍ରଦାନ କରାଯାଇଛି, ଏବଂ ଧାରା ୧୯ (୨)ରେ କୁହାଯାଇଛି ଯେ, ଦେଶର ସାର୍ବଭୌମତ୍ୱ ଏବଂ ଅଖଣ୍ଡତ୍ୱ, ରାଷ୍ଟ୍ରର ନିରାପତ୍ତା, ଏବଂ ସର୍ବସାଧାରଣରେ ଶୃଙ୍ଖଳାରକ୍ଷା ଇତ୍ୟାଦି ଉଦ୍ଦେଶ୍ୟରେ ରାଷ୍ଟ୍ର ଉପରୋକ୍ତ ମତପ୍ରକାଶର ସ୍ୱାଧୀନତାକୁ ସଂକୁଚିତ ଏବଂ ନିୟନ୍ତ୍ରଣ ପାଇଁ ଯେ କୌଣସି କାନୁନୀ କଟକଣା ଲାଗୁ କରିପାରନ୍ତି । ବର୍ତ୍ତମାନ ପରିସ୍ଥିତିରେ ପୁଣି ପ୍ରଶ୍ନ ଉଠୁଛି, ଯେଉଁ କାଶ୍ମୀର ପ୍ରସଙ୍ଗ ଉପରେ ପ୍ରଶାନ୍ତ ମତପ୍ରଦାନ କରି ପାଶବିକ ଅକ୍ରମଣର ଶୀକାର ହେଲେ. ସେପ୍ରକାର ମତପ୍ରକାଶ ଉପରେ ରାଷ୍ଟ୍ର କୌଣସି କଟକଣା ଲାଗୁ କରିଛନ୍ତି କି ? ପୁଣି, ଯାହାକିଛି ବାରଣ ବା କଟକଣା ଆବଶ୍ୟକ ପଡିପାରେ ତାହାକୁ ରାଷ୍ଟ୍ର ଅର୍ଥାତ୍ ଆଇନ୍‌ସଭା, ପ୍ରଶାସନ ବା ଅଦାଲତ ଲାଗୁ କରିପାରନ୍ତି । ଏହା କରିବାକୁ ଏହି ଉଦ୍‌ଭ୍ରାନ୍ତ ଯୁବକମାନଙ୍କର କି ଅଧିକାର ଅଛି ? କାହାରି ମତରେ ଦ୍ୱିମତ ହେଲେ, ସେମାନେ ନିଜର ଭିନ୍ନ ମତ ପୋଷଣ କରିପାରନ୍ତି ଅଥବା ସଂପୃକ୍ତ ମତପ୍ରକାଶର ଅବାଧତାକୁ ସଂକୁଚିତ କରିବା ପାଇଁ ପ୍ରଶାସନ ବା ଅଦାଲତଙ୍କ ଦ୍ୱାରସ୍ଥ ହୋଇପାରନ୍ତି । କିନ୍ତୁ ନିଜେ ମୁଷ୍ଟିବଳରେ ଭିନ୍ନମତକୁ ଦମନ କରିବା ପାଇଁ ବାହାରିବା ଅର୍ଥ ସମଗ୍ର ସାମାଜିକ ବାତାବରଣକୁ ବିଶୃଙ୍ଖଳା ଓ ଅରାଜକତା ଆଡକୁ ଟାଣିନେବା । ଯଦି ଆମର ରାଷ୍ଟ୍ର କିମ୍ବା ସିଭିଲ୍ ସୋସାଇଟି ଏହି ଯୁବକମାନଙ୍କର ଏପ୍ରକାର ଦୌରାତ୍ମକୁ ପ୍ରଶୟ ଦିଏ ତେବେ କୌଣସି ବ୍ୟାପାରରେ କେହି ବ୍ୟକ୍ତି ଖୋଲାମନରେ ନିଜର ଅବାଧ ମତ ପ୍ରକାଶ କରିପାରିବେ ନାହିଁ । ଅଥଚ ଏହି ମତପ୍ରକାଶର ସ୍ୱାଧୀନତା ହିଁ ଯେ କୌଣସି ଗଣତନ୍ତ୍ରର ମୂଳଭିତ୍ତି, କାରଣ ଏହା ଉଜ୍ଜୀବିତ ଥିଲେ ରାଷ୍ଟ୍ରର କୌଣସି ଅଂଗ କି କର୍ତ୍ତୃପକ୍ଷ ସ୍ୱେରାଚାରୀ ହୋଇପାରିବେ ନାହିଁ ।

କିନ୍ତୁ ଲକ୍ଷ୍ୟ କରାଯାଉଛି, କେତେକ ସଙ୍ଗୀନ ପ୍ରଶ୍ନ ଉପରେ ଆମ ଦେଶରେ ମତପ୍ରକାଶର ସ୍ୱାଧୀନତାକୁ ରାଷ୍ଟ୍ରର ଜାଣତରେ କେତେକ ଉଦ୍‌ଭ୍ରାନ୍ତ ମୌଳବାଦୀ ଗୋଷ୍ଠୀ ବାରମ୍ବାର ଆକ୍ରମଣ କରିଚାଲିଛନ୍ତି । ଏହା ଏକ ବିଡମ୍ବନା ଯେ, କାଶ୍ମୀର ପ୍ରସଙ୍ଗର ଦ୍ୱାହି ଦେଇ ଆଡଭୋକେଟ୍ ପ୍ରଶାନ୍ତଙ୍କ ଉପରେ ଆକ୍ରମଣ କରିଥିବା ମୁଷ୍ଟିମେୟ ପଥଭ୍ରଷ୍ଟ ଯୁବକମାନେ ମହାନ୍ ଶହୀଦ ଭଗତସିଂଙ୍କ ନାମରେ ନିଜର ସଂଗଠନକୁ ନାମକରଣ କରି ତାହା ତରଫରୁ ଯାବତୀୟ ସମାଜବିରୋଧୀ କାର୍ଯ୍ୟରେ ଜଡିତ ରହି ଆସିଛନ୍ତି । ସେମାନେ ମନେ ରଖିବା ଉଚିତ୍, ଭଗତସିଂ ଓ ତାଙ୍କର ସହଯୋଗୀ ମାନେ ବ୍ରିଟିଶ୍ ସାମ୍ରାଜ୍ୟ ଓ ଏହାର ପଦାଧିକାରୀଙ୍କ ବିରୁଦ୍ଧରେ ଶକ୍ତିପ୍ରୟୋଗ କରି ନିଜେ ଶହୀଦ ହୋଇଛନ୍ତି; ସେମାନେ କେବେ କୌଣସି ନିରସ୍ତ୍ର ଭାରତୀୟଙ୍କ ଉପରେ କୌଣସି ଅପ୍ରିୟ ମତାମତ ପାଇଁ ଗୁଣ୍ଡାମି କରିନାହାନ୍ତି । ଭଗତସିଂଙ୍କ ନାମ ଅପବ୍ୟବହାର କରି ସେମାନେ ନିଜର ଅପକୀର୍ତ୍ତୀ ଦ୍ୱାରା ଏହି ଅମର ଶହୀଦଙ୍କ ସମ୍ବନ୍ଧରେ ବର୍ତ୍ତମାନର ନୂଆ ପୀଢିଙ୍କ ସମ୍ମୁଖରେ ଏକ ଭୁଲ୍ ବାର୍ତ୍ତା ପେଶ୍ କରୁଛନ୍ତି ।

ଆହୁରି କ୍ଷୋଭର ବିଷୟ ହେଉଛି, ପ୍ରଶାନ୍ତଙ୍କ ଉପରେ ଆକ୍ରମଣ ଭଳି ଘଟଣା ଆମ ଦେଶରେ ନୂଆ ନୁହେଁ । ଠିକ୍ ବର୍ଷକ ତଳେ ଏହି କାଶ୍ମୀର ପ୍ରସଙ୍ଗକୁ କେନ୍ଦ୍ର କରି ବିଶିଷ୍ଟା ଲେଖିକା ଅରୁନ୍ଧତୀ ରାୟଙ୍କ ଦିଲ୍ଲୀସ୍ଥିତ ଭାସଭବନ ଉପରେ ଆକ୍ରମଣ କରାଯାଇଥିଲା । ଏହାର ବହୁ ପୂର୍ବରୁ ବିଶିଷ୍ଟ ଚିତ୍ରଶିଳ୍ପୀ ଏମ୍.ଏଫ୍. ହୁସେନ୍‌ଙ୍କ କେତେକ କଳାକୃତି ପାଇଁ ତାଙ୍କ ବାସଭବନ ଉପରେ ମଧ୍ୟ ଚଢାଉ କରାଯାଇଥିଲା  ଏବଂ ବାରମ୍ବାର ଏହିଭଳି ଆକ୍ରମଣରେ ସେ ଅତିଷ୍ଠ ହୋଇ ଭାରତ ଛାଡି କାର୍ଟାର୍‌ର ନାଗରିକତ୍ୱ ଗ୍ରହଣ କରିଥିଲେ ଓ ପରିଶେଷରେ ଦେଶ ବାହାରେ ହିଁ ରହି ମୃତ୍ୟୁବରଣ କଲେ । ଛତିଶ୍‌ଗଡରେ ଡକ୍ଟର ବିନାୟକ ସେନଙ୍କ ସାଲଓ୍ୱାଜୁଡୁମ୍ ବିରୋଧୀ ମନ୍ତବ୍ୟ ପାଇଁ ତାଙ୍କୁ ମଧ୍ୟ ଉଦ୍‌ଭ୍ରାନ୍ତ ଯୁବଗୋଷ୍ଠୀଙ୍କର ଆକ୍ରମଣର ଶୀକାର ହେବାକୁ ପଡିଥିଲା । ଯଦି ଗୁଜୁରାଟ୍ କିମ୍ବା ଓଡିଶା ଅଥବା ଅନ୍ୟ କୌଣସି ସ୍ଥଳରେ ଘଟିଯାଇଥିବା ସାଂପ୍ରଦାୟିକ ଦଙ୍ଗାଗୁଡିକ ପ୍ରତି ଆମେ ଲକ୍ଷ୍ୟକରିବା, ତେବେ ଦେଖିବା ଯେ ସଂଖ୍ୟାଗରିଷ୍ଠ ସଂପ୍ରଦାୟର କିଛି ହିଂସ୍ରସ୍ୱଭାବର ଲୋକେ ପ୍ରାୟତଃ ସଂଖ୍ୟାଲଘୁ ସଂପ୍ରଦାୟ ଉପରେ ନିଜର ବର୍ବରୋଚିତ ଆକ୍ରମଣ କରିଥାନ୍ତି ସେମାନଙ୍କୁ ଚୁପ୍ କରିଦେବା ପାଇଁ । ସତେ ଯେପରି ସେମାନେ ନିଜେ ସେତେବେଳେ ଖୋଦ୍ ରାଷ୍ଟ୍ର ତରଫରୁ ଠିକା ନେଇଥାନ୍ତି ସମସ୍ତଙ୍କୁ ବାକ୍ ସଂଯମ ଶିଖାଇବା ପାଇଁ !

ଆମର ଗଣତନ୍ତ୍ରକୁ ଦୋହଲାଇଦେବା ଭଳି ଏପ୍ରକାର ଘଟଣା ବାରମ୍ବାର ଘଟୁଥିଲେ ହେଁ ରାଷ୍ଟ୍ରର କର୍ମକର୍ତ୍ତାଗଣଙ୍କ ପ୍ରତି ଏହା ଦେହସୁହା ହୋଇଗଲାଣି । ପ୍ରଶାନ୍ତଙ୍କ ଆକ୍ରମଣକାରୀମାନଙ୍କୁ ଜାମିନ୍‌ରେ ଛଡାଯାଇଛି ଏବଂ ୟୁପିଏ ସରକାରଙ୍କ କିଛି ରାଜନେତା ମୌଳବାଦୀ ଗୋଷ୍ଠୀଙ୍କ ସହିତ ତାଳ ଦେଇ ଦୋମିଶା ମନ୍ତବ୍ୟ ଦେବା ପରେ ଚୁପ୍ ହୋଇ ବସିପଡିଛନ୍ତି । କିଛିଦିନ ପରେ ଏହି ଘଟଣା ଇତିହାସରେ ପରିଣତ ହୋଇଯିବ ଏବଂ ଲୋକମାନେ ଏହାକୁ ଭୁଲିଯିବେ, ଠିକ୍ ଯେପରି ସେମାନେ ଅରୁନ୍ଧତୀ, ହୁସେନ୍ ବା ବିନାୟକଙ୍କ ଘଟଣା ଭୁଲିଯାଇଛନ୍ତି । କିନ୍ତୁ ଏସବୁର ପରିଣତି ଦିନକୁ ଦିନ ଅଧିକ ଭୟଙ୍କର ହେବାରେ ଲାଗିଛି ଏବଂ ମତପ୍ରକାଶ ପାଇଁ ଆମର ସାମ୍ବିଧାନିକ ସ୍ୱାଧିନତା ମୁଷ୍ଟିମେୟ ଉଦ୍‌ଭ୍ରାନ୍ତ ଓ ହିଂସୁକ ମୌଳବାଦୀମାନଙ୍କ ମର୍ଜି ଦ୍ୱାରା କବଳିତ ହେବାରେ ଲାଗିଛି । ଏହି ପରିସ୍ଥିତିରେ ମତାମତ ପ୍ରକାଶ ପାଇଁ ଆମର ସାମ୍ବିଧାନିକ ସ୍ୱାଧୀନତା ଓ ଅଧିକାରକୁ ଉଜ୍ଜୀବିତ କରି ରଖିବାକୁ ହେଲେ, ସଂପୃକ୍ତ ମୌଳବାଦୀ ଗୋଷ୍ଠୀଙ୍କ ସଂଗଠନ ଓ କାରବାର ଉପରେ କାନୁନୀ ପ୍ରତିବନ୍ଧକ ଲଗାଇବା ପାଇଁ ପ୍ରଶାନ୍ତଭୂଷଣ ଆଗତ କରିଥିବା ପ୍ରସ୍ତାବ ବିଚାରଯୋଗ୍ୟ ମନେହୁଏ ।

**Chitta Behera, 4A Jubilee Tower, Choudhury Bazar, Cuttack-9, Mobile-9437577546, Dated 17.10.2011**